بسم اللہ الرحمٰن الرحیم

ଖୁତବା ଜୁମା ୨୭ ସେପ୍ଟେମ୍ବର ୨୦୧୯ର ସାରାଂଶ
ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍, ମର୍ଡନ୍ ଲଣ୍ଡନ (ବ୍ରିଟେନ୍)

***ଆମ ହୃଦୟରେ ସମସ୍ତ ମନୁଷ୍ୟମାନଙ୍କର ପ୍ରେମ  ଅପେକ୍ଷା ଆଁହଜ଼ରତ୍ ସ.ଅଙ୍କର ପ୍ରେମ ଅଧିକ ହେବା ଦରକାର । କାରଣ ଅଲ୍ଲାଃତାଲାଙ୍କ ନିକଟରେ ପହଞ୍ଚିବାକୁ ହେଲେ ସଂପ୍ରତି ରସୁଲୁଲ୍ଲାଃ ସ.ଅଙ୍କ ମାଧ୍ୟମରେ ହିଁ  ପହଞ୍ଚା ଯାଇ ପାରିବ । ତେଣୁ ଆଁହଜ଼ରତ ସ.ଅଙ୍କ ଆଦେଶଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରି ଓ ଆଁହଜ଼ରତ ସ.ଅଙ୍କର ସୁନ୍ନତ ଅନୁଯାୟୀ ପରିଚାଳିତ ହେବା ଦ୍ୱାରା ହିଁ ଅଲ୍ଲାଃତାଲାଙ୍କ ନିକଟବର୍ତ୍ତୀ ହୋଇପାରିବ । ଦୁଆଗୁଡ଼ିକର ଗ୍ରହଣୀୟ ହେବା ନିମନ୍ତେ ଏବଂ ନିଜର ଶେଷ ପରିଣତି ସାର୍ଥକ ତଥା ସାଫଲ୍ୟମଣ୍ଡିତ କରିବାର ଏକମାତ୍ର ମାଧ୍ୟମ ବର୍ତ୍ତମାନ ଆଁହଜ଼ରତ ସ.ଅ ହିଁ ଅଟନ୍ତି, ହଜ଼ରତ ମସିହ ମଉଦ୍ ଅ.ସ କହନ୍ତି ଯେ, ଅଲ୍ଲାଃତାଲାଙ୍କର ପ୍ରିୟ ହେବା ନିମନ୍ତେ ରସୁଲୁଲ୍ଲାଃ ସ.ଅଙ୍କ ଅନୁସରଣ ହିଁ ଏକମାତ୍ର ପନ୍ଥା ଅଟେ ଏବଂ ଈଶ୍ୱରଙ୍କ ସହ ଭେଟ ବା ସାକ୍ଷାତ୍ ହେବା ପାଇଁ ଏହା ବ୍ୟତୀତ ଅନ୍ୟ କୌଣସି ପନ୍ଥା ନାହିଁ ।***

ତଶହୁଦ୍, ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ଅନ୍ତେ ହୁଜୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଅଲ୍ଲାଃତାଲାଙ୍କ କୃପାରୁ ଆଜି ଜମାଅତ ଅହେମଦିୟା ହଲାଣ୍ଡର ଜଲସା ସାଲାନା ଆରମ୍ଭ ହେଉଅଛି ଏବଂ ଅଲ୍ଲାଃତାଲା ମଧ୍ୟ ଅନେକ ବର୍ଷ ପରେ ମୋତେ ସୁଯୋଗ ପ୍ରଦାନ କରିଛନ୍ତି ଯେ, ମୁଁ ଆପଣଙ୍କ ଜଲସାରେ ଶାମିଲ ହୋଇଛି । ବିଗତ କିଛି ବର୍ଷ ହେଲା ହଲାଣ୍ଡର ଜମଅତର ସଂଖ୍ୟାରେ ମଧ୍ୟ ଅଭିବୃଦ୍ଧି ଘଟିଛି । ଅନେକ ବ୍ୟକ୍ତିମାନେ ପାକିସ୍ତାନରୁ ପ୍ରବାସ କରି ଏଠାକୁ ଆସିଛନ୍ତି । କେତେକ ନୂତନ ବ୍ୟକ୍ତିମାନେ ମଧ୍ୟ ଜମାଅତରେ ଯୋଗ ଦେଇଛନ୍ତି ବା ଶାମିଲ ହୋଇଛନ୍ତି । ସେ ଯାହାହେଉ ନା କାହିଁକି ପୃଥିବୀର ଅନ୍ୟ ଜମାଅତମାନଙ୍କ ପରି ହଲାଣ୍ଡର ଜମାଅତ ମଧ୍ୟ ଉନ୍ନତି ପଥରେ ଅଗ୍ରସର ହେଉଛି । ନୂତନ ସେଣ୍ଟରମାନ ମଧ୍ୟ ନିର୍ମିତ ହୋଇଛି ଏବଂ ମସଜିଦମାନ ମଧ୍ୟ ନିର୍ମିତ ହୋଇଅଛି ।

ହୁଜୁର ଅନୱର ଅ.ବ କହିଲେ : ମନେ ରଖନ୍ତୁ ଯେ, ଏ ଯେଉଁ ଅଭିବୃଦ୍ଧି ରହିଛି ଅର୍ଥାତ୍ ଜମାଅତର ସଂଖ୍ୟାରେ ଅଭିବୃଦ୍ଧି କିମ୍ବା ମିଶନ ହାଉସ ନିର୍ମାଣ କରିବା କିମ୍ବା ମସଜିଦ ନିର୍ମାଣ କରିବା ତାହା ସେତେବେଳେ ହିଁ ଫଳପ୍ରଦ ହୋଇପାରିବ ଯେତେବେଳେ ଉପରୋକ୍ତ ଶୀର୍ଷକରେ ବର୍ଣ୍ଣିତ ହୋଇଥିବା ଲକ୍ଷ୍ୟକୁ ପୂରଣ କରାଯିବ ବା କରାଯାଉଥିବ । ଅତଃ ଏଠାରେ ବସବାସ କରୁଥିବା ପ୍ରତ୍ୟେକ ଅହମଦିକୁ ନିଜର ଆତ୍ମ ସମୀକ୍ଷା କରିବାର ଆବଶ୍ୟକତା ରହିଛି ଏବଂ ଏହି କଥାର ଆବଶ୍ୟକତା ରହିଛି ଯେ, ସେ ପ୍ରଥମେ ଦର୍ଶନ ବା ଅବଲୋକନ କରୁ ଓ ପରେ ସନ୍ଧାନ କରୁ ଯେ, ସେହି ଲକ୍ଷ୍ୟଗୁଡ଼ିକ କ'ଣ ? ଯାହାକୁ ଆମ୍ଭେମାନେ ହଜ଼ରତ ମସିହ ମଉଦ୍ ଅ.ସଙ୍କ ବୈଅତ ସଂସ୍ପର୍ଶରେ ଆସି ପୂରଣ କରିବାର ଆବଶ୍ୟକତା ରହିଛି । ଯେପରି ମୁଁ କହିଅଛି ଯେ, ବିଗତ କିଛି ବର୍ଷରେ ଅନେକ ଅହମଦିମାନେ ପ୍ରବାସ କରି ଏଠାକୁ ଆସିଛନ୍ତି । ସେମାନେ ଏଠାକୁ କାହିଁକି ବା କ'ଣ ପାଇଁ ପ୍ରବାସ କରି ଆସିଛନ୍ତି ? ଏଇଥିପାଇଁ ଯେ, ବିଶେଷ କରି ପାକିସ୍ତାନରେ ଅହମଦିମାନଙ୍କୁ ଧର୍ମର ପ୍ରଚାର ପାଇଁ ସ୍ୱାଧୀନତା ଦିଆଯାଉ ନାହିଁ ଏବଂ ଅହମଦିମାନଙ୍କ ନିମନ୍ତେ ଅନେକ କଟକଣା ରହିଛି । ଅହମଦିମାନଙ୍କୁ ଧର୍ମ ନାଁରେ ହଇରାଣ କରାଯାଉଛି । ସେମାନଙ୍କର ଅଧିକାରକୁ ଛିନ୍ନ ବା କ୍ଷୁର୍ଣ୍ଣ କରି ଦିଆଯାଇଛି । ମସଜିଦ ନିର୍ମାଣ କରିବା ତ' ଦୂରର କଥା ଲୋକମାନଙ୍କର ସଂସ୍କାର ପାଇଁ ଜଲସା ତଥା ଇଜତେମା କରିବା ପାଇଁ ମଧ୍ୟ କଟକଣା ରହିଛି ଏବଂ ସେମାନଙ୍କୁ ରୋକା ଯାଉଛି । ବରଂ ନିଜସ୍ୱ ନିର୍ମିତ ଗୃହଗୁଡ଼ିକରେ ମଧ୍ୟ ଆଇନ ଆନୁଯାୟୀ ଆମେମାନେ ନମାଜ଼ ପଢି ପାରିବା ନାହିଁ । ଇଦୁଲ୍ ଜୁହାରେ ମଧ୍ୟ ଜୀବର କୁର୍ବାନୀ ଆମେମାନେ ଦେଇ ପାରିବା ବା କରିପାରିବା ନାହିଁ । ଆଇନ ଏଥିପାଇଁ ମଧ୍ୟ ଅନୁମତି ପ୍ରଦାନ କରୁ ନାହିଁ । ଯଦି କୌଣସି ବ୍ୟକ୍ତି ଏପରି କରେ ତେବେ ସେହି ବ୍ୟକ୍ତି ଉପରେ ମକଦ୍ଦମା ହୋଇଥାଏ । ସୁତରାଂ ପ୍ରତ୍ୟେକ ଅହମଦିକୁ ଯିଏ ଉପରୋକ୍ତରେ ବର୍ଣ୍ଣିତ କଟକଣା ଠାରୁ ସ୍ୱାଧୀନ ହୋଇ ଏଠାକୁ ଜୀବନ ନିର୍ବାହ କରିବା ପାଇଁ ଆସିଛି ତାକୁ ଅଲ୍ଲାଃତାଲାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରିବା ଉଚିତ ଏବଂ ହଜ଼ରତ ମସିହ ମଉଦ ଅ.ସ ବୈଅତରେ ଆସି ଅର୍ଥାତ ଦୀକ୍ଷିତ ହେବାର କର୍ତ୍ତବ୍ୟ ନିର୍ବାହ କରିବା ପାଇଁ ଆପ୍ରାଣ ଉଦ୍ୟମ କରିବା ଉଚିତ । ନିଜର ଆଧ୍ୟାତ୍ମିକ, ଆବେଗାତ୍ମକ, ଶିକ୍ଷାତ୍ମକ ତଥା ଚାରିତ୍ରିକ

ଅବସ୍ଥାରେ ଉନ୍ନତି ଆଣିବା ପାଇଁ ମଧ୍ୟ ଚେଷ୍ଟା କରିବା ଉଚିତ । ଯଦି ଆମମାନଙ୍କର କର୍ମ ଅଲ୍ଲାଃତାଲାଙ୍କ ଆଦେଶାନୁଯାୟୀ ନୁହେଁ କିମ୍ବା ଆମେମାନେ ନିଜ ମଧ୍ୟରେ ପବିତ୍ର ପରିବର୍ତ୍ତନ ଆଣିବା ପାଇଁ ପୂର୍ବାପେକ୍ଷା ଅଧିକ ଉଦ୍ୟମ କରି ନାହୁଁ ଏବଂ ଅଲ୍ଲାଃତାଲା ତଥା ତାଙ୍କର ପ୍ରେରିତ ରସୁଲଙ୍କ ପ୍ରେମର ପରିପ୍ରକାଶ ପୂର୍ବାପେକ୍ଷା ଆମମାନଙ୍କ ଦ୍ୱାରା ପ୍ରକାଶିତ ଏବଂ ପ୍ରଦର୍ଶିତ ହେଉ ନାହିଁ ତେବେ ସେହି ସ୍ୱାଧୀନତାର କୌଣସି ମୂଲ୍ୟ ନାହିଁ ବରଂ ତାହା ମୂଲ୍ୟହୀନ ଅଟେ । ସେହି ଜଲସାରେ ସମ୍ମିଳିତ ହେବା ନିରର୍ଥକ ଅଟେ । ମସଜିଦର ନିର୍ମାଣ ମଧ୍ୟ ନିରର୍ଥକ । ଆମମାନଙ୍କୁ ସେହି ସ୍ୱାଧୀନତାର ବାସ୍ତବିକ ସୁଫଳ ସେତେବେଳେ ହିଁ ମିଳିପାରିବ ବା ପ୍ରାପ୍ତ ହୋଇପାରିବ ଯେତେବେଳେ ଆମେମାନେ ବୈଅତର ଦାୟିତ୍ୱକୁ ସଠିକ ରୂପେ ନିର୍ବାହ କରୁଥିବୁ । ଏକ ସ୍ଥଳରେ ହଜ଼ରତ ମସିହ ମଉଦ ଅ.ସ ଜଲସାର ପ୍ରକୃତ ଉଦ୍ଦେଶ୍ୟ ସଂପର୍କରେ ଏବଂ ନିଜ ବୈଅତର ସଂସ୍ପର୍ଶରେ ଆସିଥିବା ଅର୍ଥାତ ଦୀକ୍ଷିତ ହୋଇଥିବା ଲୋକମାନଙ୍କୁ ଉପଦେଶ ଦେଇ କହନ୍ତି ଯେ, ଏହି ସଂପ୍ରଦାୟରେ ଦୀକ୍ଷିତ ହୋଇଥିବା ସମସ୍ତ ନୈଷ୍ଠିକ ବ୍ୟକ୍ତିମାନେ ଏହି ଅଧମ ଉପରେ ସ୍ପଷ୍ଟ ହେଉ ଯେ, ବୈଅତ ବା ଦୀକ୍ଷା ଗ୍ରହଣ କରିବାର କ'ଣ ଉଦ୍ଦେଶ୍ୟ ରହିଛି ? ତାହା ଏହା ଯେ, ସାଂସାରିକ ମୋହମାୟା ଶୀତଳ ହେଉ ଏବଂ ନିଜର ଶଖା ତଥା ମାନ୍ୟ ଏବଂ ପ୍ରସିଦ୍ଧ ରସୁଲ କରୀମ ସ.ଅଙ୍କର ପ୍ରେମ ହୃଦୟରେ ଜୟ କରୁ ଏବଂ ଏଭଳି ଏକ ବିଚ୍ଛେଦନମୂଳକ ଅବସ୍ଥା ଉତ୍ପନ୍ନ ହୋଇଯାଉ, ଯାହା ଦ୍ୱାରା ଶେଷ ଯାତ୍ରା ଘୃଣିତ ମନେ ନହେଉ ।

ସୁତରାଂ ଏହା ଅତ୍ୟନ୍ତ ସ୍ପଷ୍ଟ ଆଦେଶ ଅଟେ ଯେ, ମୋ ବୈଅତରେ ଆସି କେବଳ ବାଚନିକ ଦାବି ନ କରାଯାଉ ବରଂ ନୈଷ୍ଠିକ ବ୍ୟକ୍ତିଙ୍କ ମଧ୍ୟରେ ଶାମିଲ ହୋଇଯାଅ । ନିଷ୍ଠା ଓ ବିଶ୍ୱସ୍ତତାରେ ସେତେବେଳେ ଉନ୍ନତି ଘଟିବ ଯେତେବେଳେ ଅଲ୍ଲାଃତାଲା ଓ ତାଙ୍କର ପ୍ରେରିତ ମାନ୍ୟ ରସୁଲ ସ.ଅଙ୍କର ପ୍ରେମ ସମସ୍ତ ପ୍ରେମ ଠାରୁ ଉର୍ଦ୍ଧ୍ୱରେ ରହିବ । ସୁତରାଂ **ଶରଏତେ ବୈଅତ**ରେ ମଧ୍ୟ ହୁଜୁର ଅ.ସ ଏହି ସର୍ତ୍ତଟି ମଧ୍ୟ ଧାର୍ଯ୍ୟ କରିଛନ୍ତି ଯେ, ଦୀକ୍ଷା ଗ୍ରହଣକାରୀ قَالَ اللّٰهُ ଓ قَالَ الرَّسُوْلُ ଅର୍ଥାତ ଯାହା ଅଲ୍ଲାଃତାଲା ଓ ତାଙ୍କ ରସୁଲ କହିଛନ୍ତି । ସେହି କ୍ଷେତ୍ରରେ ସେହି ବ୍ୟକ୍ତି ଉପରୋକ୍ତ କଥାକୁ ନିଜର କାର୍ଯ୍ୟପ୍ରଣାଳୀ ବା କାର୍ଯ୍ୟକ୍ରମ ରୂପେ ବିବେଚିତ କରିବ । ଅତଃ ଏହି ଜଲସାଗୁଡ଼ିକ ଏହି କାରଣରୁ କରାଯାଇଥାଏ ଯେ, ଆମେମାନେ ଯେପରି ଉକ୍ତ କଥାର ସ୍ମରଣ ହେଉ ଯେ, ଆମର ବୈଅତର କ'ଣ ଉଦ୍ଦେଶ୍ୟ ରହିଛି ? ଏହା କୌଣସି ସାଧାରଣ କଥା ନୁହେଁ ଯେ, ମନରୁ ସାଂସାରିକ ମୋହମାୟା ସଂପୂର୍ଣ୍ଣ ରୂପେ ତୁଟି ଯାଉ ଏବଂ ଅଲ୍ଲାଃ ଏବଂ ତାଙ୍କର ରସୁଲଙ୍କ ପ୍ରେମ ସେହି ବ୍ୟକ୍ତିର ମନକୁ ଜୟ କରୁ । ତେଣୁ ଏଥିପାଇଁ ଅତ୍ୟନ୍ତ ପ୍ରଚେଷ୍ଟା ଲୋଡ଼ା ରହିଛି ଏବଂ ଯେତେବେଳେ ଆମେମାନେ ବୈଅତର ଶପଥ ନେଇଛୁ ସେତେବେଳେ ଉକ୍ତ ପ୍ରଚେଷ୍ଟା କରିବା ଉଚିତ ଏବଂ ତାହା କରିବା ଅନିର୍ବାର୍ଯ୍ୟ ଅଟେ ।

ପୁନଶ୍ଚ ହଜ଼ରତ ମସିହ ମଉଦ ଅ.ସ ଆମମାନଙ୍କର ଯେଉଁ କଥା ଆଡ଼କୁ ଧ୍ୟାନ ଆକର୍ଷଣ କରିବାକୁ ଚାହିଁଛନ୍ତି ତାହା ହେଉଛି ବା ତାହା ହେଲା ରସୁଲୁଲ୍ଲାଃ ସ.ଅଙ୍କ ସହିତ ପ୍ରେମ । ହୁଜୁର ଅ.ସ ସ୍ପଷ୍ଟ ରୂପେ କହିଛନ୍ତି ଯେ, ରସୁଲୁଲ୍ଲାଃ ସ.ଅଙ୍କର ପ୍ରେମ ସମଗ୍ର ମନୁଷ୍ୟମାନଙ୍କ ପ୍ରେମ ଅପେକ୍ଷା ଅଧିକ ଥିବା ଦରକାର । କାରଣ ସଂପ୍ରତି ଅଲ୍ଲାଃତାଲାଙ୍କ ନିକଟବର୍ତ୍ତୀ ହେବାକୁ ହେଲେ ଆଁହଜ଼ରତ ସ.ଅ ହିଁ ଏକମାତ୍ର ମାଧ୍ୟମ ଅଟନ୍ତି । ତେଣୁ ହୁଜୁର ସ.ଅଙ୍କ ଆଦେଶଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବା ଦ୍ୱାରା ହିଁ ତଥା ହୁଜୁର ସ.ଅଙ୍କ ସୁନ୍ନତ ଉପରେ ପରିଚାଳିତ ହେବା ଦ୍ୱାରା ହିଁ ଅଲ୍ଲାଃତାଲାଙ୍କ ନିକଟରେ ପହଞ୍ଚାଯାଇ ପାରିବ । ଦୁଆ ଗ୍ରହଣୀୟ ହେବା ନିମନ୍ତେ ଏବଂ ପରିଣତି ଉତ୍ତମ ହେବାର ଏକମାତ୍ର ମାଧ୍ୟମ ଆଁହଜ଼ରତ ସ.ଅ ହିଁ ଅଟନ୍ତି । ହଜ଼ରତ ମସିହ ମଉଦ ଅ.ସ ବର୍ଣ୍ଣନା କରନ୍ତି ଯେ, ଅଲ୍ଲାଃତାଲାଙ୍କର ପ୍ରିୟ ପାତ୍ର ହେବା ପାଇଁ ରସୁଲୁଲ୍ଲାଃ ସ.ଅଙ୍କର ଅନୁସରଣ ହିଁ ଏକମାତ୍ର ପଥ ଯାହାକି ଈଶ୍ୱରଙ୍କ ସହିତ ସାକ୍ଷାତ କରାଇଥାଏ । ଏହା ବ୍ୟତୀତ ଅନ୍ୟ କୌଣସି ଉପାୟ ନାହିଁ ଯାହା ଆମମାନଙ୍କୁ ଈଶ୍ୱରଙ୍କ ସହିତ ସାକ୍ଷାତ କରାଇପାରିବ । ମନୁଷ୍ୟର ଏକମାତ୍ର ଲକ୍ଷ୍ୟ ଏହା ହେବା ଦରକାର ଯେ, ସେ କେବଳ ଏକେଶ୍ୱର ଓ ସମକକ୍ଷ ବିହୀନ ଈଶ୍ୱରଙ୍କର ସନ୍ଧାନ କରୁ । ସୁତରାଂ ଆମମାନଙ୍କର ଏହି ଅଭିପ୍ରାୟ ହିଁ ରହିବା ଦରକାର ଯେ, ଆମେମାନେ ଯେପରି ଏକେଶ୍ୱର ଓ ସମକକ୍ଷ ବିହୀନ ଈଶ୍ୱରଙ୍କର ସନ୍ଧାନ କରୁ ଓ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ବସ୍ତୁର ସନ୍ଧାନ କରିବୁ ନାହିଁ ଏବଂ ତାହାଙ୍କ ବିପକ୍ଷରେ ଅନ୍ୟ କାହାରିକୁ ଛିଡ଼ା କରିବା ନାହିଁ । ହୁଜୁର ଅ.ସ କହିଲେ ଈଶ୍ୱରଙ୍କ ସହ ସମକକ୍ଷ ଏବଂ ବିଦଅତ୍ (ନୂତନ ଆହୃତ ରୀତି) ଠାରୁ ସର୍ବଦା ଦୂରେଇ ରହିବା ଉଚିତ । ପ୍ରଥାର ଆନୁଗତ୍ୟ ଏବଂ କାମବାସନାର ଆଜ୍ଞାକାରୀ ହେବା ଅନୁଚିତ । ହୁଜୁର ଅ.ସ କହିଲେ ଦେଖନ୍ତୁ ! ମୁଁ ପୁନର୍ବାର କହି ରଖୁଛି ଯେ, ରସୁଲୁଲ୍ଲାଃ ସ.ଅଙ୍କ ଦ୍ୱାରା ନିର୍ଦ୍ଦେଶିତ ପ୍ରକୃତ ମାର୍ଗ ବ୍ୟତୀତ ବା ମାର୍ଗକୁ ବାଦ୍ ଦେଇ ମୁନଷ୍ୟ କିପରି ବା ସଫଳ ହୋଇପାରିବ ।

ପୁନଶ୍ଚ ହୁଜୁର ଅ.ସ କହିଲେ ଯେ, ତୁମେମାନେ ନିଜ ମଧ୍ୟରେ ଏପରି ବିଚ୍ଛେଦନମୂଳକ ଅବସ୍ଥା ସୃଷ୍ଟି କର ଯାହାକି ତୁମକୁ ସାଂସାରିକ ମନୋବିନୋଦ ଓ ଚାକଚକ୍ୟ ଠାରୁ ଦୂରେଇ ଦେଉଥିବ । ତୁମର ପ୍ରତ୍ୟେକ କର୍ମାନୁସରଣ ଅଲ୍ଲାଃତାଲା ଓ ତାଙ୍କର ମାନ୍ୟ ରସୁଲ ସ.ଅଙ୍କ ଆଦେଶାନୁଯାୟୀ ହୋଇଯାଉ । ନିଃସନ୍ଦେହ ରୂପେ କୁହାଯାଇପାରେ ଯେ, ସାଂସାରିକ ସୁଖସ୍ୱାଚ୍ଛନ୍ଦ୍ୟ ଅର୍ଜନ କରିବା ଏବଂ ସାଂସାରିକ କର୍ମ ଏବଂ ସାଂସାରିକ ବ୍ୟାପାର କରିବାରେ କୌଣସି ବାରଣ ବା ପ୍ରତିବନ୍ଧକତା ନାହିଁ । ଅଲ୍ଲାଃତାଲା ତାହା କରିବା ପାଇଁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି । ସାହାବା ରି.ଅ ମଧ୍ୟ ବାଣିଜ୍ୟ ବ୍ୟବସାୟ କରୁଥିଲେ । କିନ୍ତୁ ସେମାନଙ୍କ ହୃଦୟରେ ଅଲ୍ଲାଃତାଲା ଓ ତାଙ୍କ ପ୍ରିୟ ରସୁଲଙ୍କ ପ୍ରତି ପ୍ରେମାନୁରାଗ ଭରି ରହିଥିଲା ଏବଂ ସେମାନେ ସର୍ବଦା ଏହି ଚିନ୍ତାରେ ଗତି କରୁଥିଲେ ଯେ, ଆମମାନଙ୍କୁ ଅଲ୍ଲାଃତାଲାଙ୍କର ଅଧିକାରକୁ ନିର୍ବାହ କରିବା ସଙ୍ଗେସଙ୍ଗେ ରସୁଲୁଲ୍ଲାଃ ସ.ଅଙ୍କ ଆଦେଶ ଉପରେ ମଧ୍ୟ ଅନୁକରଣ କରିବାର ଆବଶ୍ୟକତା ରହିଛି । ସେମାନେ ସର୍ବଦା ଉକ୍ତ କଥା ପ୍ରତି ଚିନ୍ତିତ ଥିଲେ ଯେ, ଆମମାନଙ୍କ ଦ୍ୱାରା ଏପରି କୌଣସି କାର୍ଯ୍ୟ ସମ୍ପାଦିତ ନହେଉ ଯାହାଫଳରେ ଆମେମାନଙ୍କର ପ୍ରିୟତମ ଆମଠୁ ରୁଷି ଯାଉ ।

ହୁଜୁର ଅନୱର ଅ.ବ କହିଲେ ଯେ, ଜଲସାର ଆଧ୍ୟାତ୍ମିକ ପରିବେଶରୁ ଲାଭବାନ ହେବା ପାଇଁ ଏବଂ ନିଜର କର୍ମମୟ ଅବସ୍ଥାରେ ଉନ୍ନତି ଆଣିବା ପାଇଁ ହିଁ ଏହି ତିନି ଦିନ ପାଇଁ ଆମେମାନେ ଏଠାରେ ଏକତ୍ରିତ ହୋଇଅଛୁ । ସୁତରାଂ ସର୍ବଦା ଏହା ମନେରଖିବା ଉଚିତ ଏବଂ ଏହା ଆମମାନଙ୍କର ଚିନ୍ତାଧାର ରହିବା ଉଚିତ ଯେ, ଆମମାନଙ୍କର ଏଠାରେ ତିନ ଦିନ ପାଇଁ ଏକତ୍ରିତ ହେବାର କ'ଣ ଉଦ୍ଦେଶ୍ୟ ରହିଛି ? ତାହା ଏହା ଯେ, ଏହି ଆଧ୍ୟାତ୍ମିକ ପରିବେଶରୁ ଲାଭବାନ ହୋଇ ନିଜର ଚାରିତ୍ରିକ ଅବସ୍ଥାରେ ଉନ୍ନତି ଆଣିବା ଦିଗରେ ଯଥେଷ୍ଟ ଚେଷ୍ଟା କରିବା ଉଚିତ ଏବଂ ନିଜର ପାପକୁ ଦୂର କରି ଏବଂ ଆମେମାନେ ଈଶ୍ୱରଙ୍କର ନାମ ଜପ କରିବା ଦିଗ ପ୍ରତି ଓ ଇସ୍ତେଗଫାର ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ । ବୁଦ୍ଧିମତାର ପରିଚୟ ଏହା ଯେ, ଏହି ତିନି ଦିନକୁ ଏକ ଟ୍ରେନିଙ୍ଗ କ୍ୟାମ୍ପ୍ ରୂପେ ମନେ କରନିଆଯାଉ ଏବଂ ଆମମାନଙ୍କର ଚାରିତ୍ରିକ ତଥା କର୍ମାନୁସରଣମୂଳକ ଅବସ୍ଥାଗୁଡ଼ିକ ଉପରେ ଯେଉଁ ଦୋଷ ଦୁର୍ବଳତା ପରିଲକ୍ଷିତ ହେଉଅଛି । ସେ ସବୁକୁ ଦୂର କରିବା ଉଚିତ ।

ହୁଜୁର ଅନୱର ଅ.ବ କହିଲେ ଯେ, ଜଲସାର ଉଦ୍ଦେଶ୍ୟ ହେଲା ଯେ, ବିଶ୍ୱାସ ଏବଂ ପ୍ରତ୍ୟୟରେ ଅଗ୍ରସର କରିବା, ପରିଚୟ ତଥା ମାଧ୍ୟମରେ ଉନ୍ନତି କରିବା । ହଜ଼ରତ ମସିହ ମଉଦ ଅ.ସ କହିଲେ ଯେ, ଏହି ଜଲସା ସାଂସାରିକ ମେଳା କି ଯାତ୍ରାମାନ ପରି ନୁହେଁ ଯେ, ଆମେମାନେ ଏକାଠି ହୋଇଗଲୁ ଏବଂ କୋଳାହଳ କରିଦେଲୁ ଏବଂ ନିଜର ସଂଖ୍ୟାକୁ ପରିପ୍ରକାଶ କଲୁ । ଏହା କୌଣସି ଉଦ୍ଦେଶ୍ୟ ବା ଲକ୍ଷ୍ୟ ନୁହେଁ । ସୁତରାଂ ଜଲସାରେ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି, ପୁରଷ, ମହିଳା, ଯୁବକ, ବୟୋଜ୍ୟେଷ୍ଠ ଆଦିଙ୍କୁ ମଧ୍ୟ ଏଥି ପ୍ରତି ଧ୍ୟାନ ଦେବା ଉଚିତ ଯେ, ତାହାର ଯେପରି ବିଶ୍ୱାସ, ପ୍ରତ୍ୟୟ ଏବଂ ପରିଚୟରେ ଅଗ୍ରଗତି ଘଟୁ । କାରଣ ଅଲ୍ଲାଃତାଲା ଓ ତାହାଙ୍କର ରସୁଲର ପ୍ରେମରେ ଅଭିବୃଦ୍ଧି ଘଟୁ । ଆମମାନଙ୍କୁ ଏହା ଭାବିବା ଉଚିତ ନୁହଁ ଯେ, ଆମେମାନେ ଏଠାରେ ଶୋଭା ପାଇଁ ଏକତ୍ରିତ ହୋଇଅଛୁ ଏବଂ ଆଜ୍ୟ ବାଯ୍ୟ କଥା କରି ସମୟ ବିତାଇ ଚାଲିଯିବୁ । ଯଦି ଏହିପରି ଚିନ୍ତାଧାରା ବା ମାନସିକତା ରହିଛି ତେବେ ଜଲସାରେ ଆସିବା ବ୍ୟର୍ଥ ଅଟେ । ହଜ଼ରତ ମସିହ ମଉଦ ଅ.ସ ପୁଣ୍ୟାବଳୀଗୁଡ଼ିକୁ ଆହାରଣ କରିବା ପ୍ରତି ମଧ୍ୟ ଦୃଷ୍ଟି ଆକର୍ଷଣ କରି କହନ୍ତି ଯେ, ପୁଣ୍ୟକୁ ଏଇଥିପାଇଁ କରିବା ଦରକାର ଯେ, ଆମେ ଯେଉଁ ପୁଣ୍ୟ କରିବୁ ତାହା ଦ୍ୱାରା ଅଲ୍ଲାଃତାଲା ପ୍ରସନ୍ନ ହେବେ ଓ ତାଙ୍କର କରୁଣା ପ୍ରାପ୍ତି ହେଉ ଏବଂ ତାଙ୍କ ଆଦେଶାବଳୀଗୁଡ଼ିକ ଯେପରି ଅକ୍ଷରେ ଅକ୍ଷରେ ପାଳନ ହେଉ । ସେହି ପୁଣ୍ୟାବଳୀର ପାଳନ କରିବା ଦ୍ୱାରା ଆମକୁ ପ୍ରତ୍ୟୁପକାର ମିଳୁ ବା ନମିଳୁ । ସୁତରାଂ ଅଲ୍ଲାଃତାଲାଙ୍କ ସହ ପ୍ରକୃତ ପ୍ରେମ କରିବା ଏହା ଆଶା କରେ ଯେ, ଆମେମାନେ ତାହାଙ୍କ ଆଦେଶାବଳୀଗୁଡ଼ିକର ଅନୁପାଳନ କରିବା ଉଚିତ । ତହିଁରେ ଉପାସନା ମଧ୍ୟ ସଂଶ୍ଳିଷ୍ଟ ରିହିଛି ଏବଂ ଅଲ୍ଲାଃତାଲାଙ୍କର ଭକ୍ତଙ୍କର ମଧ୍ୟ କର୍ତ୍ତବ୍ୟ ବା ଅଧିକାର ମିଳିତଭାବେ ରହିଛି ଏବଂ ଅଲ୍ଲାଃତାଲାଙ୍କ ଆଦେଶାବଳୀଗୁଡ଼ିକ ଉପରେ କାର୍ଯ୍ୟାନୁସରଣ କରିବାର ଅର୍ଥ ଏହା ନୁହେଁ ଯେ, ଅଲ୍ଲାଃତାଲା ଆମକୁ ଏହା ବଦଳରେ ପୁରସ୍କୃତ କରିବେ । ହୁଜୁର ଅ.ସ କହିଲେ ଯେ, ଯଦିଓ ଏହା ସତ୍ୟ ଯେ, ଅଲ୍ଲାଃତାଲା କୌଣସି ପୁଣ୍ୟକୁ ବ୍ୟର୍ଥ ବା କ୍ଷୟ ହେବାକୁ ଦିଅନ୍ତି ନାହିଁ । إِنَّ اللّٰهَ لَا يُضِيعُ أَجْرَ الْمُحْسِنِينَ ଅର୍ଥାତ ଅଲ୍ଲାଃତାଲା ହିତକାରୀମାନଙ୍କର ପୁରସ୍କାରକୁ କଦାପି ନଷ୍ଟ କରନ୍ତି ନାହିଁ । କିନ୍ତୁ ପରୋପକାରୀ ବ୍ୟକ୍ତିର ପ୍ରତ୍ୟୁପକାରକୁ କଦାପି ନିଜ ଦୃଷ୍ଟି ସମ୍ମୁଖରେ ରଖିବା ଉଚିତ ନୁହଁ । ସୁତରାଂ ପ୍ରକୃତ ପୁଣ୍ୟ ଏହା ହିଁ ଯେ, କୌଣସି ପ୍ରଲୋଭନ କିମ୍ବା ପୁରସ୍କାରର ଆଶା ନରଖି ସର୍ବଦା ପୁଣ୍ୟ କରିବା ଉଚିତ । ଅଲ୍ଲାଃତାଲା ନିଶ୍ଚିତରୂପେ ଉକ୍ତ ପୁଣ୍ୟର ପ୍ରତ୍ୟୁପକାର ବା ପୁରସ୍କାର ପ୍ରଦାନ କରନ୍ତି । ସୁତରାଂ

ଯେତେବେଳେ ଆମ ଭଗବାନ ଆମ ସହିତ ଏଭଳି ବ୍ୟବହାର ପ୍ରଦର୍ଶନ କରନ୍ତି, ତେବେ ଆମମାନଙ୍କର ମଧ୍ୟ ଏହା କର୍ତ୍ତବ୍ୟ ରହିଛି ଯେ, ଆମେ ମଧ୍ୟ ତାହାଙ୍କ କରୁଣା ଲାଭ ପାଇଁ ସେହି ସମସ୍ତ କଥା ଉପରେ କାର୍ଯ୍ୟାନୁସରଣ କରିବା ଉଚିତ, ଯେଉଁ ପୁଣ୍ୟ ଅର୍ଜନ କରିବା ପାଇଁ ସେ ଆମମାନଙ୍କୁ ଆଦେଶ ଦେବା ସଙ୍ଗେସଙ୍ଗେ ମନ୍ଦ ଠାରୁ ମଧ୍ୟ ଦୂରେଇ ରହିବା ପାଇଁ ଆଦେଶ ଦେଇଛନ୍ତି । ହୁଜୁର ଅନୱର କହିଲେ। ବିଦେଶଗୁଡ଼ିକରେ ଆସି ଆମକୁ ନିଜ ଉପରେ ମଧ୍ୟ ଗଭୀର ଦୃଷ୍ଟି ନିବଦ୍ଧ କରିବାର ଆବଶ୍ୟକତା ରହିଛି । ବେଳେବେଳେ ଆର୍ଥିକ ବିସ୍ତାରତା ବା ସ୍ୱଛଳତା ମଧ୍ୟ ପୁଣ୍ୟ କରିବା ଦିଗରେ ଅନ୍ତରାୟ ସୃଷ୍ଟି କରିଥାଏ । ଯେତେବେଳେ ମନୁଷ୍ୟର ଅର୍ଥନୈତିକ ବା ସାଂସାରିକ ଅବସ୍ଥା ସ୍ୱଚ୍ଛଳ ଥାଏ ସେତେବେଳେ ମନୁଷ୍ୟ ନିଜର ଅତୀତକୁ ଭୁଲି ଯାଇଥାଏ। ଆମେ ସବୁବେଳେ ଏହା ଭାବୁ ଯେ, ଆମେ ଯଦି ଅମକ କାମଟି ନ କରିବୁ ତେବେ ଆମର କ୍ଷତି ଘଟିବ । କିନ୍ତୁ ଅଲ୍ଲାଃତାଲା କହନ୍ତି ଯେ, ଜୀବିକା ପ୍ରଦାନକାରୀ ଓ ନିୟନ୍ତ୍ରକ ମୁଁ ହିଁ ଅଟେ ।

ସୁତରାଂ ହଜରତ ମସିହ ମଉଦ ଅ.ସଙ୍କ ବୈଅତର କର୍ତ୍ତବ୍ୟ ନିର୍ବାହ କରିବାକୁ ହେଲେ ତେବେ ଅଲ୍ଲାତାଲାଙ୍କର ଉପାସନାର ମଧ୍ୟ କର୍ତ୍ତବ୍ୟ ନିର୍ବାହ କରିବାକୁ ପଡ଼ିବ । ହଜରତ ମସିହ୍ ମଉଦ ଅ.ସ ଏଥିପ୍ରତି ଆମର ଧ୍ୟାନ ଆକର୍ଷଣ କରିଛନ୍ତି ଯେ, ଏହି ସତ୍ୟତାକୁ ହୃଦୟଙ୍ଗମ କର । କାରଣ ଉପାସନା ଅଲ୍ଲାତାଲାଙ୍କର ବ୍ୟକ୍ତିଗତ ପ୍ରେମ ସହିତ ରଙ୍ଗୀନ ହୋଇ କରିବା ଉଚିତ। ଏହା ପ୍ରକୃତ ବସ୍ତୁ ଅଟେ । ସୁତରାଂ ଯେତେବେଳେ ବ୍ୟକ୍ତିଗତ ପ୍ରେମ ମାଧ୍ୟମରେ ଅଲ୍ଲାଃତାଲାଙ୍କର ଉପାସନା ହେବ ସେତେବେଳେ ସମସ୍ତ ସାଂସାରିକ ମୋହମାୟା ତୁଟିଯାଇ ତାହାର ଅବସାନ ଘଟିବ, ପୁନଶ୍ଚ ଧର୍ମକୁ ସାଂସାରିକତା ଉପରେ ପ୍ରାଧାନ୍ୟ ବା ଅଗ୍ରାଧିକାର ଦେବାର ବାସ୍ତବିକତାର ପରିପ୍ରକାଶ ହେବ ଏବଂ ଯେତେବେଳେ ସାଂସାରିକ ମୋହମାୟା ଅପସରି ଯିବ ସେତେବେଳେ ଅଲ୍ଲାଃତାଲା ଏଭଳି ଏଭଳି ମାଧ୍ୟମରେ ଜୀବିକା ପ୍ରଦାନ କରିବେ ତାହା ମନୁଷ୍ୟର ସମ୍ଭାବ୍ୟ ବିଚାରରେ ମଧ୍ୟ ସେ ଧାରଣା କରି ନଥିବ । ଯେପରିକି ଅଲ୍ଲାଃତାଲା କହନ୍ତି وَ مَنۡ یَّتَّقِ اللّٰہَ یَجۡعَلۡ لَّہٗ مَخۡرَجًا ۙ وَّ یَرۡزُقۡہُ مِنۡ حَیۡثُ لَا یَحۡتَسِبُ ଅର୍ଥାତ୍ ଯେଉଁ ବ୍ୟକ୍ତି ଅଲ୍ଲାଃଙ୍କୁ ଭୟ କରିବ, ଅଲ୍ଲାଃ ତା' ସକାଶେ କୌଣସି ନା କୌଣସି ପଥ ଉନ୍ମୁକ୍ତ କରିଦେବେ ଏବଂ ତାକୁ ଏପରି ସ୍ଥାନରୁ ଜୀବିକା ପ୍ରଦାନ କରିବେ ଯେଉଁ ସ୍ଥାନରୁ ଜୀବିକା ଲାଭ କରିବା ସମ୍ବନ୍ଧରେ ସେ ଧାରଣା କରି ନଥିବ । ହଜରତ ମସିହ ମଉଦ ଅ.ସ କହନ୍ତି ସ୍ୱଚ୍ଛଳତାର ନୟମ ଧର୍ମପରାୟଣତା ଅଟେ । ଏହା ନିରାଟ ସତ୍ୟ ଯେ, ଅଲ୍ଲାଃତାଲା କେବେହେଲେ ନିଜ ଭକ୍ତଙ୍କୁ ନଷ୍ଟ କରନ୍ତି ନାହିଁ ଏବଂ ସେମାନଙ୍କୁ ଅନ୍ୟ ଆଗରେ ହାତ ପାତିବାରୁ ରକ୍ଷା କରିଥାଆନ୍ତି । ମୋର ତ' ଏହି ଚିନ୍ତାଧାରା ରହିଛି ଯେ, ମୁଁ ଈଶ୍ୱରଙ୍କର ଶପଥ କରି କହୁଛି ଯେ, ଯଦି ଗୋଟିଏ ବ୍ୟକ୍ତି ପ୍ରକୃତ ଧର୍ମପରାୟଣ ବ୍ୟକ୍ତି ହୋଇଥାଏ, ତେବେ ସେହି ବ୍ୟକ୍ତି ବ୍ୟତୀତ ଯିଏ ସ୍ୱୟଂ ଦୁର୍ଭାଗ୍ୟ କାରଣରୁ ଏପରି ପାପ କର୍ମ କରିନିଏ ଯାହାକି ତାକୁ ଅଲ୍ଲାଃତାଲାଙ୍କର କୃପା ଠାରୁ ବଞ୍ଚିତ ହେବ, ତାହାର ସାତ ପିଢୀ ପର୍ଯ୍ୟନ୍ତ ଅଲ୍ଲାଃତାଲାଙ୍କର କୃପା ଏବଂ ବରକତର ହାତ ଥୋଇ ଥାଏ । ହୁଜୁର ଅ.ସ କହନ୍ତି ଯେ, ମନୁଷ୍ୟ ପାଇଁ ଏହା ଉଚିତ ଯେ, ସେ ସମସ୍ତ ଫାଶକୁ ବା ଦଉଡ଼ିକୁ ଦଗ୍ଧୀଭୂତ କରିଦେଉ ଏବଂ କେବଳ ଈଶ୍ୱରଙ୍କର ପ୍ରେମମୂଳକ ଫାଶ, ଦଉଡ଼ି ବା ମଙ୍ଗକୁ ବାକି ରଖୁ । ସତ୍ୟ ତ' ଏହା ଯେ, ଯେଉଁ ବ୍ୟକ୍ତି ଅଲ୍ଲାଃତାଲାଙ୍କର ହୋଇଯାଏ ଅଲ୍ଲାଃତାଲା ମଧ୍ୟ ଉକ୍ତ ବ୍ୟକ୍ତିକୁ ସାହା ହୁଅନ୍ତି । ତୁମେ ନିଜକୁ ଏଭଳି ରୂପେ ଗଢ ଯେପରି ଅଲ୍ଲାଃତାଲାଙ୍କର ବରକତ ଏବଂ କୃପାର ଲକ୍ଷଣ ତୁମ ଉପରେ ଅବତୀର୍ଣ୍ଣ ହେବ । ହୁଜୁର ଅ.ସ କହନ୍ତି ଯେ, ଯେଉଁ ବ୍ୟକ୍ତିକୁ ଦୀର୍ଘାୟୁ ପ୍ରାପ୍ତ ହୁଏ, ଏବଂ ତା ଜୀବନର ଲକ୍ଷ୍ୟ କେବଳ ସାଂସାରିକ ଜୀବନର ସୁଖସ୍ୱାଚ୍ଛନ୍ଦ୍ୟ ଓ ଆନନ୍ଦ ଅଟେ । ତେବେ ଏହିପରି ଆୟୁର କୌଣସି ମୂଲ୍ୟ ନାହିଁ । ସେହି ବ୍ୟକ୍ତି ତ' ନିଜ ଆୟୁଶର ଉଦ୍ଦେଶ୍ୟ କେବଳ ଖାଦ୍ୟ ଏବଂ ଘୋର ନିଦ୍ରା ନେବା ଏବଂ ସ୍ତ୍ରୀ ତଥା ପିଲାଛୁଆ ଏବଂ ଉତ୍କୃଷ୍ଟ ଭବନ କିମ୍ବା ଅଶ୍ୱ ଇତ୍ୟାଦି ରଖିବା କିମ୍ବା ଉତ୍ତମ ଉଦ୍ୟାନ କିମ୍ବା ଚାଷ ଉପରେ ହିଁ ବିତାଇ ଦିଏ । ଏପରି ବ୍ୟକ୍ତି କଦାପି ଅଲ୍ଲାଃତାଲାଙ୍କର ଭକ୍ତ ନୁହଁ ଏବଂ ତାଙ୍କର ଉପାସନାକୀର ନୁହଁ । ବରଂ ଏଭଳି ବ୍ୟକ୍ତିକୁ ଉପାସକ କହିବା ପଦବାଚ୍ୟ ନୁହଁ । ନା ହିଁ ତାକୁ ଭକ୍ତ କୁହାଯାଇ ପାରିବ । ବରଂ ସେ ତ' କେବଳ ନିଜର ବ୍ୟକ୍ତିଗତ ଉଦ୍ଦେଶ୍ୟକୁ ପରିପୂରଣ କରିବା ପାଇଁ ଉପାସନା କରୁଛି । ହୁଜୁର ଅ.ସ କହିଲେ ସେହି ବ୍ୟକ୍ତି ତ' ନିଜର ଉଦ୍ଦେଶ୍ୟ ଓ ଅଭିପ୍ରାୟ ଏବଂ କେବଳ କାମ ବାସନାକୁ ଏବଂ ରାକ୍ଷାସୀୟ ସୁସ୍ୱାଦ ଭୋଜନକୁ ହିଁ ନିଜର ଅଧିଦେବତା ରୂପେ ଗ୍ରହଣ କରିଅଛି । ଯେପରି ଅଲ୍ଲାଃତାଲା କହନ୍ତି وَمَا خَلَقۡتُ الۡجِنَّ وَالۡاِنۡسَ اِلَّا لِیَعۡبُدُوۡنِ ଏବଂ ଆମେ ଜିନ୍ ଓ ମନୁଷ୍ୟମାନଙ୍କୁ କେବଳ ଆମର ଉପାସନା ସକାଶେ ସୃଷ୍ଟି କରିଅଛୁ । ସୁତରାଂ ଆଲୋଚ୍ୟ ପରିଧିରେ ମନୁଷ୍ୟକୁ ଆବଦ୍ଧିତ କଲେ ଯେ, ତା ଜୀବନର ମୂଳ ଲକ୍ଷ୍ୟ ହେଲା

ଯେ, ସେ କେବଳ ଅଲ୍ଲାଃତାଲାଙ୍କୁ ହିଁ ଭକ୍ତି କରୁ । ଏହି ଉଦ୍ଦେଶ୍ୟକୁ ପାଥେୟ କରି ଅଲ୍ଲାଃତାଲା ସମଗ୍ର ମାନବୀୟ କାରଖାନା ସୃଷ୍ଟି କରିଛନ୍ତି । ଏହାର ବିପରୀତରେ ଯେଉଁସବୁ ଲକ୍ଷ୍ୟ ଏବଂ କାମନା ରହିଛି ତାହା ନିରର୍ଥକ ।

ହୁଜୁର ଅନୱର ଅ.ବ କହିଲେ ଅତଃ ଆଲୋଚ୍ୟ କଥାଗୁଡ଼ିକ ଆମକୁ ଚିନ୍ତାରେ ପକାଇବା ବାଧ କରିବା ଉଚିତ । ଆମେ କିପରି ନିଜର ଜୀବନର ମୂଳ ଲକ୍ଷ୍ୟକୁ ପ୍ରାପ୍ତ କରିପାରିବା ତାହା ଚିନ୍ତା କରିବା ଉଚିତ । ଆମକୁ କେବଳ ସାଂସାରିକ ଜୀବନର ଚିନ୍ତା ହେବା ଉଚିତ ନୁହଁ । ଆମମାନଙ୍କର ଚିନ୍ତା କେବଳ ଏହି ସଂସାରର ସୁଖସ୍ୱାଛନ୍ଦ୍ୟକୁ ପ୍ରାପ୍ତ କରିବାରେ ବ୍ୟତୀତ ନହୋଇଯାଉ। ବରଂ ଆମକୁ ନିଜର ଜୀବନର ପ୍ରକୃତ ଉଦ୍ଦେଶ୍ୟକୁ ପ୍ରାପ୍ତ କରିବା ପାଇଁ ନିଜର ସମସ୍ତ ସାମର୍ଥ୍ୟତାକୁ କାର୍ଯ୍ୟରେ ରୂପାନ୍ତରିତକାରୀରେ ଅତିବାହିତ ତଥା ବିନିଯୋଗ ହେଉ । ଏହି ଦେଶଗୁଡ଼ିକରେ ଆସି ଆମେ ଅଲ୍ଲାଃତାଲାଙ୍କ କୃପାକୁ ଶ୍ଳେଷଣ କରିବା ପାଇଁ ଉଦ୍ୟମ କରି ତାହାଙ୍କର ଉପାସନା ତଥା ଭକ୍ତିର ସଠିକ ଦାୟିତ୍ୱ ନିର୍ବାହକାରୀରେ ପରିଣତ କରୁ । ଆମର ଇଚ୍ଛାଶକ୍ତି ଅନ୍ୟ ହେବା ଉଚିତ ନୁହେଁ । ବରଂ ଆମେ ନିଜର ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନି ନିଜ ଜନ୍ମର ଦାୟିତ୍ୱ ନିର୍ବାହକାରୀରେ ପରିଣତ ହୋଇ ଏବଂ ଏହି ଯୁଗରେ ଅଲ୍ଲାଃତାଲା ଯେଉଁ ଅଭିପ୍ରାୟ ରଖି ହଜ଼ରତ ମସିହ ମଉଦ ଅ.ସଙ୍କୁ ପ୍ରେରିତ କରିଛନ୍ତି ସେହି ଅଭିପ୍ରାୟକୁ ପୂର୍ଣ୍ଣ କରିବାରେ ବ୍ରତୀ ହେବୁ । ହଜ଼ରତ ମସିହ ମଉଦ ଅ.ସ କହନ୍ତି ଯେ, ମୁଁ ଏଥିପାଇଁ ପ୍ରେରିତ ହୋଇଅଛି ଯେ, ବିଶ୍ୱାସଗୁଡ଼ିକୁ ସୁଦୃଢ କରି ଏବଂ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ଲୋକଙ୍କ ଆଗରେ ପ୍ରମାଣିତ କରି ଦେଖାଇବି । କାରଣ ପ୍ରତ୍ୟେକ ଜାତିର ବିଶ୍ୱାସିକ ଅବସ୍ଥାମାନ ଅତ୍ୟନ୍ତ ଦୁର୍ବଳ ହୋଇଯାଇଛି ଏବଂ ପରକାଳ କେବଳ କାହାଣୀ ରୂପେ ମନେ କରାଯାଇଥାଏ ଏବଂ ପ୍ରତ୍ୟକ ମନୁଷ୍ୟ ନିଜର ବ୍ୟବହାରିକ ତଥା ଚାରିତ୍ରିକ ଅବସ୍ଥା ଦ୍ୱାରା ଏହା ସୂଚାଉଅଛି ଯେପରି ବିଶ୍ୱାସ ସେ ସଂସାରର ସୁଖସ୍ୱାଛନ୍ଦ୍ୟ ଉପରେ ରଖିଥାଏ ଏବଂ ଯେପରି ବିଶ୍ୱାସ ତାହାକୁ ସାଂସାରିକ ବସ୍ତୁ ଉପରେ ରହିଛି । ଏହିପରି ବିଶ୍ୱାସ ତାହାକୁ କଦାପି ଅଲ୍ଲାଃତାଲା ଏବଂ ପରକାଳ ଉପରେ ନାହିଁ । ତୁଣ୍ଡରେ କିଛି କିନ୍ତୁ ହୃଦୟରେ ସାଂସାରିକ ମୋହମାୟା ଗ୍ରାସ କରିଛି । ହୁଜୁର ଅ.ସ କହିଲେ ଇହୁଦୀମାନଙ୍କ ହୃଦୟରେ ଅଲ୍ଲାଃତାଲାଙ୍କ ପ୍ରେମ ଶିଥିଳ ହୋଇଯାଇଥିଲା । ତେଣୁ ଏକ ମସିହର ଆଗମନ ହୋଇଥିଲା ଏବଂ ବର୍ତ୍ତମାନ ବା ସଂପ୍ରତି ମୋ ଯୁଗରେ ମଧ୍ୟ ଏଭଳି ଏହିପରି ଅବସ୍ଥା ପରିଲକ୍ଷିତ ହେଉଅଛି । ସୁତରାଂ ମୁଁ ଏହି କାରଣରୁ ପ୍ରେରିତ ହୋଇଅଛି । କାରଣ ବିଶ୍ୱାସର ଯୁଗର ପୁନରାଗମନ ହେଉ ଏବଂ ହୃଦୟରେ ଧର୍ମପରାୟଣଭାବ ଉଦ୍ରେକ ହେଉ । ହୁଜୁର ଅନୱର ଅ.ବ କହିଲେ ଯେ, ସୁତରାଂ ଆଜି ଆମମାନଙ୍କର ଏହା କର୍ତ୍ତବ୍ୟ ରହିଛି ଯେ, ଆମେ ହଜ଼ରତ ମସିହ ମଉଦ ଅ.ସ ସଠିକ ରୂପେ ବୈଅତର ଦାୟିତ୍ୱ ନିର୍ବାହ କରି ଯେଉଁଠି ଗୋଟିଏ ପକ୍ଷରେ ଆପଣଙ୍କୁ ଅଲ୍ଲାଃତାଲାଙ୍କର ପ୍ରେମରେ ବର୍ଦ୍ଧିତକାରୀ ହେଉ, ଏକେଶ୍ୱରବାଦକୁ ନିଜ ହୃଦୟରେ ଦୃଢୀଭୂତ କରୁ, ଅଲ୍ଲାତାଲା ଓ ତାଙ୍କର ରସୁଲ ମହମ୍ମଦ ସ.ଅଙ୍କର ପ୍ରେମର ବୀପରିତରେ ସାଂସାର ଓ ତାହାର ସୁଖ ସ୍ୱାଛନ୍ଦ୍ୟକୁ ପଛରେ ପକାଇ ନିଜ ମଧ୍ୟରେ ଏକ ପବିତ୍ର ପରିବର୍ତ୍ତନ ଆଣିବା ସହିତ ଏହି ସମାଜକୁ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟବର୍ତ୍ତୀ କରାଇବାର ଉଦ୍ୟମ କରିବା ଉଚିତ । ଆଜି ସଂସାର ଅଲ୍ଲାଃତାଲାଙ୍କ ଅସ୍ତିତ୍ୱକୁ ମାନିବାକୁ ଅସ୍ୱୀକାର କରିଚାଲିଛି ଏବଂ ପ୍ରତ୍ୟେକ ବର୍ଷ ଅଧିକ ସଂଖ୍ୟାରେ ଲୋକମାନେ ଅଲ୍ଲାଃତାଲାଙ୍କର ଅସ୍ତିତ୍ୱକୁ ମାନିବାକୁ ଅସ୍ୱୀକାର କରିଚାଲିଛନ୍ତି।

ସୁତରାଂ ଏହି ଲୋକମାନେ ଯେଉଁମାନେ ଅଲ୍ଲାଃତାଲାଙ୍କର ଅସ୍ୱୀକାର କରି ନାସ୍ତିକବାଦୀରେ ପରିଣତ ହେଉଛନ୍ତି । ସୁତରାଂ ଏଭଳି ଉତ୍କଟ ପରିସ୍ଥିତିରେ ଆମେ ନିଜ ହୃଦୟରେ ଅଲ୍ଲାଃତାଲାଙ୍କର ପ୍ରେମ ସୃଷ୍ଟି କରି ସଂସାରବାସୀଙ୍କୁ ମଧ୍ୟ ଅଲ୍ଲାଃତାଲାଙ୍କ ଅସ୍ତିତ୍ୱ ସହିତ ପରିଚିତ କରାଇବାରେ ସକ୍ଷମ ହୋଇପାରିବୁ । ତେବେଯାଇ ଆମେ ଉକ୍ତ ଜଲସାର ଉଦ୍ଦେଶ୍ୟକୁ ପୂରଣ କରିବାରେ ସକ୍ଷମ ହୋଇପାରିବୁ ଏବଂ ହଜ଼ରତ ମସିହ ମଉଦ ଅସ.ଙ୍କର ବୈଅତର ଦାୟିତ୍ୱ ବହନ କରିପାରିବୁ । ଆମମାନଙ୍କୁ ନିଜର ସନ୍ତାନସନ୍ତତି ତଥା ଏବଂ ଆଗାମୀ ବଂଶଧରମାନଙ୍କ ମନରେ ଅଲ୍ଲାଃତାଲା ଓ ତାହାଙ୍କ ରସୁଲଙ୍କ ପ୍ରତି ପ୍ରେମ ମଧ୍ୟ ସୃଷ୍ଟି କରିବାର ଆବଶ୍ୟକତା ରହିଛି। ମନେରଖନ୍ତୁ ! ତାହା କେବଳ ଅଲ୍ଲାଃତାଲାଙ୍କ କୃପା ବିନା ସମ୍ଭବପର ନୁହେଁ । ଏଥିପାଇଁ ତାଙ୍କ କୃପାକୁ ଶ୍ଳେଷଣ କରିବା ପାଇଁ ମଧ୍ୟ ଅନେକ ପ୍ରାର୍ଥନାର ଆବଶ୍ୟକତା ରହିଛି ଏବଂ ଏଥିପ୍ରତି ମଧ୍ୟ ବହୁତ ଧ୍ୟାନ ଦେବାକୁ ପଡ଼ିବ । ଏଥିପାଇଁ ଅଲ୍ଲାଃତାଲା ଆମମାନଙ୍କୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍ ।

KHULASA KHUTBA JUMA HUZOOR ANWAR a.b.a

**27th Sep 2019**